ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, କଳ୍ପନା ଛକ, ଭୁବନେଶ୍ୱର-୧୪, ଇ ମେଲ-directorateofculture@gmail.com

ସଂଖ୍ୟା- ଓ.ସା.ଏ.-୧୩/୨୦୨୨- ୮୬୫୪ /ଓ.ଭା.ସା.ସଂ., ତାରିଖ- ୨୩.୧୧.୨୦୨୨

ପ୍ରେରକ

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ।

ପ୍ରାପକ

ନିର୍ଦ୍ଦେଶକ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା, ଭୁବନେଶ୍ୱର ।

ବିଷୟ: ୨୦୨୧ ମସିହା ପାଇଁ "ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ" ପ୍ରଦାନ ନିମନ୍ତେ ବିଜ୍ଞାପନ ପ୍ରକାଶନ ସମ୍ପର୍କରେ ।

ମହାଶୟ,

ଉପରୋକ୍ତ ପ୍ରସଙ୍ଗରେ ମୁଁ ଜଣାଉଅଛି ଯେ "ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ-୨୦୨୧" ପ୍ରଦାନ ନିମନ୍ତେ ଏହାର ବିଜ୍ଞାପନର ନକଲ ସଂଲଗ୍ନକ ପୂର୍ବକ ତା-୨୪.୧୧.୨୦୨୨ରିଖରେ ରାଜ୍ୟର ତିନୋଟି ପ୍ରମୁଖ ଓଡ଼ିଆ ଦୈନିକ ଖବରକାଗଜରେ ଉକ୍ତ ବିଜ୍ଞାପନ ପ୍ରକାଶନ କରିବାକୁ ଅନୁରୋଧ ।

ସଂଲଗ୍ନକ-ବିଜ୍ଞାପନର ନକଲ

ଆପଣଙ୍କର ବିଶ୍ୱସ୍ତ,

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୮୬୫୫ /ଓ.ଭା.ସା.ସଂ., ତାରିଖ- ୨୩.୧୧.୨୦୨୨

ବିଜ୍ଞାପନର ନକଲ ସହିତ ଏହାର ଏକକିତା ନକଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବରିଷ୍ଠ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ପ୍ରେରଣ କରାଗଲା ।

ଯୁଗ୍ମ ନିର୍ଦ୍ଦେଶକ

ଜ୍ଞାପକ ସଂଖ୍ୟା- ୮୬୫୬ /ଓ.ଭା.ସା.ସଂ.ବି., ତାରିଖ- ୨୩.୧୧.୨୦୨୨

ଏହାର ଏକକିତା ନକଲ ସମ୍ପାଦକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ନିର୍ଦ୍ଦେଶକ

ଜ୍ଞାପକ ସଂଖ୍ୟା- ୮୬୫୭ /ଓ.ଭା.ସା.ସଂ.ବି., ତାରିଖ- ୨୩.୧୧.୨୦୨୨

ବିଜ୍ଞାପନର ନକଲ ସହିତ ଏହାର ଏକକିତା ନକଲ M/s Luminous Infoways, ଜୟଦେବ ବିହାର, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଜନସାଧାରଣଙ୍କ ଅବଗତି ନିମନ୍ତେ ବିଜ୍ଞାପନଟିକୁ ବିଭାଗର ୱେବସାଇଟ: www.odishaculture.gov.in ରେ ସ୍ଥାନିତ କରିବାକୁ ଅନୁରୋଧ ।

ଯୁଗ୍ମ ନିର୍ଦ୍ଦେଶକ

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ଭୁବନେଶ୍ୱର-୧୪

******

## "ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ" ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୦୨୧ ମସିହା ପାଇଁ "ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ" ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ । ସମ୍ମାନ ସ୍ୱରୂପ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା କାର୍ଯ୍ୟରତ ସାହିତ୍ୟ ଅନୁଷ୍ଠାନ, ସାହିତ୍ୟିକା, ସାହିତ୍ୟିକଙ୍କୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନଗଦ ଅର୍ଥ ରାଶି ସହିତ ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ କରାଯିବ । ଏହି ସମ୍ମାନ ଜଣେ ବ୍ୟକ୍ତିବିଶେଷ କିମ୍ବା ଗୋଟିଏ ସାହିତ୍ୟ ଅନୁଷ୍ଠାନକୁ ପ୍ରଦାନ କରାଯିବ ।

୨. (କ) ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ନିମନ୍ତେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକା/ସାହିତ୍ୟିକଙ୍କ ସାମଗ୍ରିକ ସାହିତ୍ୟ କୃତିକୁ ବିଚାରକୁ ନେଇ ଏହି ସମ୍ମାନ ଦିଆଯିବ ।
(ଖ) ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟରତ ଅନୁଷ୍ଠାନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ । ଯେଉଁ ସାରସ୍ୱତ ଅନୁଷ୍ଠାନ ଅତି କମରେ ୫ ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ/ଅଗ୍ରଗତି ପାଇଁ ନିରନ୍ତର କାର୍ଯ୍ୟ ଅବ୍ୟାହତ ରଖିଥିବେ ଉକ୍ତ ଅନୁଷ୍ଠାନକୁ ଏ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ ।

୩. ଏଥିପାଇଁ ସାହିତ୍ୟିକା/ସାହିତ୍ୟିକଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ ।

୪. ସାହିତ୍ୟ ଅନୁଷ୍ଠାନ କ୍ଷେତ୍ରରେ ଅନୁଷ୍ଠାନ ଅନ୍ୟୁନ ୫ ବର୍ଷ ପୂର୍ବରୁ ପଞ୍ଜିକୃତ ହୋଇଥିବା ଆବଶ୍ୟକ ଏବଂ ବିଗତ ୫ ବର୍ଷର କାର୍ଯ୍ୟାବଳୀ ସହିତ ସମୀକ୍ଷା ବିବରଣୀ ଦାଖଲ କରିବା ଅପରିହାର୍ଯ୍ୟ ।

୫. ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।

୬. ଆବେଦନ କରିଥିବା ସାହିତ୍ୟିକା/ସାହିତ୍ୟିକମାନେ ପୂର୍ବରୁ ବିଭିନ୍ନ ଏକାଡ଼େମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା- ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ହୋଇ ନ ଥିବେ ।

୭. ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସେ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ।

୮. ଏହି ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ନ ହେଲେ ଏହି ବର୍ଷ ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।

୯. ନିଜେ ଆବେଦନକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଆବେଦକଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ ଫର୍ମ ସଠିକ୍ ଭାବେ ପୂରଣ କରି **ତା୨୦/୧୨/୨୦୨୨ରିଖ** ମଧ୍ୟରେ ସରକାରୀ କାର୍ଯ୍ୟ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୧୪ ରେ ଦାଖଲ କରିପାରିବେ । ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନପତ୍ର ଗ୍ରହଣୀୟ ହେବ ନାହିଁ ।

୧୦.ଆବେଦନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର Website: www.odishaculture.gov.in ରେ ମଧ୍ୟ ଉପଲବ୍ଧ ଅଟେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା, ଭୁବନେଶ୍ୱର ।

# ଆବେଦନ ଫର୍ମ

## "ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ-୨୦୨୧"

*****

| | | |
|---|---|---|
| ୧. | ସାହିତ୍ୟିକା/ ସାହିତ୍ୟିକ/ ଅନୁଷ୍ଠାନଙ୍କ ନାମ | : |
| ୨. | ସାହିତ୍ୟିକା/ ସାହିତ୍ୟିକ/ ଅନୁଷ୍ଠାନଙ୍କ ଠିକଣା ଓ ଫୋନ୍ ନମ୍ବର | : |
| ୩. | (କ) ଜନ୍ମ ତାରିଖ (ବ୍ୟକ୍ତିଙ୍କ କ୍ଷେତ୍ରରେ) | : |
| | (ଖ) ପଞ୍ଜିକରଣ ତାରିଖ ଓ ସ୍ଥାନ (ଅନୁଷ୍ଠାନ କ୍ଷେତ୍ରରେ)<br>(ଆବଶ୍ୟକୀୟ ପ୍ରମାଣପତ୍ରର ନକଲ ସଂଯୋଗ କରିବେ) | : |
| ୪. | ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଗବେଷଣା/ କୃତୀର ସବିଶେଷ ବିବରଣୀ<br>(ସମ୍ବନ୍ଧିତ କାଗଜପତ୍ର ଦାଖଲ କରିବେ) | : |
| ୫. | ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲାଭ କରିଥିବା ପୁରସ୍କାର ବିବରଣୀ (ପ୍ରମାଣପତ୍ରର ନକଲ ଦାଖଲ କରିବେ) | : |
| ୬. | ଅନୁଷ୍ଠାନ କ୍ଷେତ୍ରରେ ବିଗତ ୫ ବର୍ଷର କାର୍ଯ୍ୟ ବିବରଣୀ ଓ ବ୍ୟୟ ସମୀକ୍ଷା ବିବରଣୀ | : |

ଉପରୋକ୍ତ ସମସ୍ତ ତଥ୍ୟ ସଠିକ୍ ଅଟେ ।

ସାହିତ୍ୟିକା/ ସାହିତ୍ୟିକ/ ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର

(ଅନୁଷ୍ଠାନ କ୍ଷେତ୍ରରେ ତତ୍ତ୍ୱାବଧାରକଙ୍କ ସ୍ୱାକ୍ଷର)